# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27th June - 2024**

**News Editor : *Itishree Singh Rathaur***

***************************************

***GNR***

## ସଂସଦ - ରାଷ୍ଟ୍ରପତି ଅଭିଭାଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଉଭୟ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯିବ । ଏହି ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ସଦସ୍ୟମାନେ ଭାଗ ନେବେ । ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଗତ ୨୪ ତାରିଖ ସୋମବାର ଦିନ ଆରମ୍ଭ ହୋଇଥିବା ବେଳେ ରାଜ୍ୟସଭାର ଅଧିବେଶନ ଆଜିଠାରୁ ଆରମ୍ଭ ହେବ ।

***Desk***

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନ୍‌ଖଡ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ କେତେକ

କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ସ୍ୱାର୍ଥଜନିତ ବିଭିନ୍ନ ପ୍ରସଙ୍ଗ ଉପରେ ଶ୍ରୀ ମାଝୀ ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟର ବିକାଶ ଲାଗି ସହଯୋଗ ଲୋଡ଼ିବେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ।

***BBSR/R***

# ଜନ ଅଭିଯୋଗ ଶୁଣାଣି

ଆସନ୍ତା ଜୁଲାଇ ପହିଲାରୁ ରାଜ୍ୟରେ ପୁଣି ଥରେ ସରକାର ଜନଶୁଣାଣି ଆରମ୍ଭ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସପ୍ତାହର ପ୍ରତ୍ୟେକ ସୋମବାର ଦିନ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟରେ ଜନ ଅଭିଯୋଗଗୁଡ଼ିକର ଶୁଣାଣି ହେବାକୁ ସ୍ଥିର କରାଯାଇଛି । ସେହିପରି ଜିଲ୍ଲାସ୍ତରରେ ସ୍ଥାନୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ମିଳିତ ଭାବେ ପ୍ରତ୍ୟେକ ସୋମବାର ଜନ ଅଭିଯୋଗର ଶୁଣାଣି କରିବେ । ସମସ୍ତ ଅଭିଯୋଗ ଗ୍ରହଣ ଓ ଶୁଣାଣି ପ୍ରକ୍ରିୟା ଜନ ଶୁଣାଣି ପୋର୍ଟାଲ୍‌ରେ ପଞ୍ଜିକୃତ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

*IPR*

## ବଜ୍ରପାତ - ସହାୟତା ରାଶି

ରାଜ୍ୟରେ ଗତକାଲି ବଜ୍ରପାତରେ ମୃତ୍ୟୁ ହୋଇଥିବା ୫ ଜଣ ବ୍ୟକ୍ତିଙ୍କର ପରିବାରବର୍ଗଙ୍କ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ଶ୍ରୀ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ଆତ୍ମୀୟ ସ୍ବଜନଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍‌ର ଖଲିଆପାଲି ଗ୍ରାମ ପଞ୍ଚାୟତରେ ୩ ଜଣ ଏବଂ ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ ଥାନା ଅନ୍ତର୍ଗତ ଚାଉଳବାଞ୍ଜି ଗ୍ରାମରେ ୨ ଜଣଙ୍କର ଗତକାଲି ବଜ୍ରପାତରେ ମୃତ୍ୟୁ ହୋଇଥିଲା ।

*PIB*

## ଟ୍ରେନ୍ - ଫ୍ଲାଏ ଓଭର

ଟିଟିଲାଗଡ଼ଠାରେ ରେଳ ଚଳାଚଳ ଓ ଯାତାୟତକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ଫ୍ଲାଏ ଓଭର ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି । ପ୍ରାୟ ୮ କିଲୋମିଟରରୁ ଅଧିକ ଦୈର୍ଘ୍ୟର ଏହି ଫ୍ଲାଏ ଓଭର ନିର୍ମାଣ ନିମନ୍ତେ ୧୮୩ କୋଟିରୁ ଊର୍ଦ୍ଧ୍ବ ଟଙ୍କା ମଞ୍ଜୁର କରାଯାଇଛି । ଭାରତୀୟ ରେଳବାଇର ଶକ୍ତି କରିଡର ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ

ବ୍ୟସ୍ତବହୁଳ ଟିଟିଲାଗଡ଼ ଜଙ୍କସନ୍‌ରେ ଟ୍ରେନ୍ ଚଳାଚଳକୁ ସୁଗମ କରିବା ସହିତ ଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି ।

***Puri/R***

# ଫୁଲୁରି ତେଲ ଲାଗି

ପୁରୀ ଶ୍ରୀମନ୍ଦିରରେ ଅଣସର ଘରେ ଥିବା ଶ୍ରୀଜିଉଙ୍କ ଜ୍ୱର ଉପଶମ ଲାଗି ଆଜି ଫୁଲୁରି ତେଲ ଲାଗି କରାଯିବ । ବଡ଼ ଓଡ଼ିଆ ମଠ ପକ୍ଷରୁ ଏହି ତେଲକୁ ପାରମ୍ପରିକ ରୀତିରେ ପ୍ରସ୍ତୁତ କରିବା ଲାଗି ଏକ ବର୍ଷରୁ ଅଧିକ ସମୟ ଲାଗିଥାଏ । ଅଣସରର ପଞ୍ଚମ ଦିନରେ ଏହି ତେଲକୁ ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀଜିଉମାନଙ୍କୁ ମର୍ଦ୍ଦନ କରିଥା'ନ୍ତି । ଏହି ଫୁଲୁରି ତେଲ ଲାଗିହେବା ପରେ ମହାପ୍ରଭୁଙ୍କ ଜ୍ୱରଜନିତ ପୀଡ଼ା ଲାଘ ହେବା ସହିତ ସୁସ୍ଥତାର ପ୍ରାକ୍‌ସୂଚନା ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

***IPR***

# ରଥଯାତ୍ରା - ସୁରକ୍ଷା ବୈଠକ

ଆସନ୍ତାମାସ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପୁରୀର ପ୍ରସିଦ୍ଧ ରଥାଯାତ୍ରାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଟକ ସ୍ଥିତ ରାଜ୍ୟ ପୁଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ

ଏହି ବୈଠକରେ ରଥଯାତ୍ରା ଦିନ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସହିତ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ କରିବାକୁ ଶ୍ରୀ ଷଡ଼ଙ୍ଗୀ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***BBSR/R***

# ମାଟ୍ରିକ୍ ପ୍ରମାଣପତ୍ର

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ପ୍ରମାଣ ପତ୍ର ଆସନ୍ତା ମାସ ୯ ତାରିଖ ଦିନ ଛାତ୍ରଛାତ୍ରୀଙ୍କୁ ସମ୍ପୃକ୍ତ ବିଦ୍ୟାଳୟରେ ପ୍ରଦାନ କରାଯିବ । ତେବେ ପ୍ରଧାନ ଶିକ୍ଷକମାନେ ଆବଶ୍ୟକ ତଥ୍ୟ ଦେଇ କୃତୀ ବିଦ୍ୟାର୍ଥୀଙ୍କ ପ୍ରମାଣପତ୍ର ଜୁଲାଇ ୨ ଓ ୩ ତାରିଖରେ ବୋର୍ଡ଼ରୁ ନେଇପାରିବେ । ଏଥିଲାଗି ସମସ୍ତ ଜିଲ୍ଲାର ସଦର ମହକୁମାରେ ବୋର୍ଡ଼ ପକ୍ଷରୁ ପ୍ରମାଣ ପତ୍ର ବିତରଣ କେନ୍ଦ୍ର ଖୋଲାଯାଇଛି । ପ୍ରମାଣ ପତ୍ରରେ କୌଣସି ତ୍ରୁଟି ଥିଲେ କଟକ ସ୍ଥିତ ବୋର୍ଡ଼ର ମୁଖ୍ୟାଳୟରେ ଜୁଲାଇ ୧୨ରୁ ୨୨ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଫି' ଦାଖଲ କରି ସଂଶୋଧନ କରାଯାଇପାରିବ । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନେ ପ୍ରମାଣ ପତ୍ର ବଣ୍ଟନ ପ୍ରକ୍ରିୟାର ତଦାରଖ କରିବାକୁ ବୋର୍ଡ଼ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

*Met.O.*

# ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ରେ ୧୧୦ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****